# ପ୍ରଶ୍ନାବଳୀ-୧

୧। 'ଣତ୍ୱ' ବିଧି କାହାକୁ କୁହାଯାଏ ?

ଉ: ପଦ ମଧ୍ୟରେ 'ନ' ସ୍ଥାନରେ 'ଣ' ହେବାକୁ 'ଣତ୍ୱ' ବିଧି କୁହାଯାଏ ।

୨। ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ନ' କାହିଁକି 'ଣ' ହେଲାନାହିଁ ?

ମନ, ମାନ, ଗିନା, ମୀନ, ମୁନି, ପ୍ରସୂନ, ରଚନା, ରଜନୀ, ରସନା, ସଜନୀ ।

ଉ: ପ୍ରଦତ୍ତ ଶବ୍ଦ ଉତ୍ତର

ମନ - ଏହି ଶବ୍ଦରେ (ମ୍ ଅ ନ୍ ଅ) ସ୍ୱରବର୍ଣ୍ଣ 'ଅ' ପରେ 'ନ୍' ଅଛି ।

ମାନ - ଏହି ଶବ୍ଦରେ (ମ୍ ଆ ନ୍ ଅ) ସ୍ୱରବର୍ଣ୍ଣ 'ଆ' ପରେ 'ନ୍' ଅଛି ।

ଗିନା- ଏହି ଶବ୍ଦରେ (ଗ୍ ଇ ନ୍ + ଆ) ସ୍ୱରବର୍ଣ୍ଣ 'ଇ'ପରେ 'ନ୍' ଅଛି ।

ମୀନ- ଏହି ଶବ୍ଦରେ(ମ୍ ଈ ନ ଅ) ସ୍ୱରବର୍ଣ୍ଣ 'ଈ' ପରେ 'ନ୍' ଅଛି ।

ମୁନି- ଏହି ଶବ୍ଦରେ (ମ୍ ଉ ନ ଇ) ସ୍ୱରବର୍ଣ୍ଣ 'ଉ' ପରେ 'ନ୍' ଅଛି ।

ପ୍ରସୂନ- ଏହି ଶବ୍ଦରେ (ପ୍ ର୍ ଅ ସ ଊ ନ ଅ) ସ୍ୱରବର୍ଣ୍ଣ 'ଊ' ପରେ 'ନ' ଅଛି ।

ରଚନା- ଏହି ଶବ୍ଦରେ (ର୍ ଅ ଚ୍ ଅ ନ୍ ଆ) 'ର' ବର୍ଣ୍ଣ ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଅଛି ।

ରଜନୀ- ଏହି ଶବ୍ଦରେ (ର୍ ଅ ଜ୍ ଅ ନ ଈ) 'ର' ବର୍ଣ୍ଣ ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଅଛି ।

ରସନା- ଏହି ଶବ୍ଦରେ (ର୍ ଅ ସ୍ ଅ ନ ଆ) 'ର' ବର୍ଣ୍ଣ ପରେ ଅନ୍ୟ'ବର୍ଣ୍ଣର ବ୍ୟବଧାନ ଅଛି ।

ସଜନୀ- ଏହି ଶବ୍ଦରେ (ସ୍ ଅ ଜ୍ ଅ ନ ଈ) 'ସ୍ୱରବର୍ଣ୍ଣ' 'ଅ' ପରେ ନ ଅଛି ।

୩। ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ନ୍' କେଉଁ କାରଣରୁ 'ଣ୍' ହେଲା ଦର୍ଶାଅ ।

କରଣ, କରୁଣ, କଷଣ, କୃଷ୍ଣ, ସୂର୍ପଣଖା, ରାମାୟଣ, ଉତ୍ତରାୟଣ, ତୃଣ, ମସୃଣ, କୃପଣ

ଉ: ପ୍ରଦତ୍ତ ଶବ୍ଦ ଉତ୍ତର

କରଣ - ଏହି ଶବ୍ଦରେ (କ୍ ଅ ର୍ ଅ ନ୍ ଅ) 'ର' ପରେ ସ୍ୱରବର୍ଣ୍ଣ 'ଅ' ଥାଇ 'ନ' ଅଛି ।

କରୁଣ - ଏହି ଶବ୍ଦରେ (କ୍ ଅ ର୍ ଉ ନ୍ ଅ) 'ର' ପରେ ସ୍ୱରବର୍ଣ୍ଣ 'ଉ' ବ୍ୟବଧାନ ଥାଇ 'ନ' ଅଛି ।

କଷଣ - ଏହି ଶବ୍ଦରେ (କ୍ ଅ ଷ୍ ଅ ନ୍ ଅ) 'ଷ' ପରେ 'ନ' ଅଛି ।

କୃଷ୍ଣ - ଏହି ଶବ୍ଦରେ (କ୍ ଋ ଷ ନ୍ ଅ) 'ଷ' ପରେ 'ନ' ଅଛି ।

ସୂର୍ପଣଖା - ଏହି ଶବ୍ଦରେ (ସ୍ ଊ ର୍ ପ୍ ଅ ନ୍ ଅ ଖ୍ ଆ) 'ପ' ପରେ 'ନ' ଅଛି ।

ରାମାୟଣ - ଏହି ଶବ୍ଦରେ (ର୍ ଆ ମ୍ ଆ ଇ ୟ ନ୍ ଅ) 'ପ' ବର୍ଗ 'ମ୍' ପରେ ନ ଅଛି ।

ଉତ୍ତରାୟଣ - ଏହି ଶବ୍ଦରେ (ଉ ତ୍ ର ଆ ଇ ୟ୍ ନ୍ ଅ) 'ର' ପରେ ବର୍ଣ୍ଣ ବ୍ୟବଧାନରେ 'ନ' ଅଛି ।

ତୃଣ - ଏହି ଶବ୍ଦରେ (ତ, ଋ ନ୍ ଅ) 'ର' ପରେ 'ନ' ଅଛି ।

ମସୃଣ - ଏହି ଶବ୍ଦରେ (ମ୍ ଅ ସ୍ ଋ ନ୍ ଅ) 'ର' ପରେ 'ନ' ଅଛି ।

କୃପଣ - ଏହି ଶବ୍ଦରେ (କ୍ ଋ ପ ଅ ନ୍ ଅ) 'ପ' ପରେ 'ନ' ଅଛି ।

୪। 'ନ' ସ୍ଥାନରେ 'ଣ' ବ୍ୟବହୃତ ହୋଇଥିବା ପାଞ୍ଚଟି ଶବ୍ଦ ଲେଖ ।

ଉ: ଅନ୍ୱେଷଣ, କୃଷ୍ଣ, ତୃଣ, ରଣ, ମସୃଣ

୫। ବାକ୍ୟଗୁଡ଼ିକରେ ଥିବା ଅଶୁଦ୍ଧି ଗୁଡ଼ିକୁ ଠିକ୍ କରି ଲେଖ ।

(କ) ଦ୍ୱାପର ଯୁଗରେ ଭଗବାନ ବିଷ୍ଣୁ, କୃଷ୍ଣ ରୂପରେ ଜନ୍ମ ନେଇଥିଲେ ।

ଉ: ଦ୍ୱାପର ଯୁଗରେ ଭଗବାନ ବିଷ୍ଣୁ କୃଷ୍ଣ ରୂପରେ ଜନ୍ମ ନେଇଥିଲେ ।

**(ଖ) ତୃତୀୟ ପାଣ୍ଡବ ଅର୍ଜୁନ ବିଷ୍ଣୁ କଳା ଲାଭ କରିଥିବାରୁ ତାଙ୍କୁ ଦ୍ୱିତୀୟ କୃଷ୍ଣ କୁହାଯାଏ ।**

ଉ : ତୃତୀୟ ପାଣ୍ଡବ ଅର୍ଜୁନ ବିଷ୍ଣୁ କଳା ଲାଭ କରିଥିବାରୁ ତାଙ୍କୁ ଦ୍ୱିତୀୟ କୃଷ୍ଣ କୁହାଯାଏ ।

**(ଗ) ପାଣ୍ଡବପତ୍ନୀ ଦ୍ରୌପଦୀଙ୍କୁ କୃଷ୍ଣା କୁହାଯାଏ ।**

ଉ : ପାଣ୍ଡବ ପତ୍ନୀ ଦ୍ରୌପଦୀଙ୍କୁ କୃଷ୍ଣା କୁହାଯାଏ ।

## 'ଷତ୍ୱ' ବିଧି

## ପ୍ରଶ୍ନାବଳୀ-୨

**୧। 'ଷତ୍ୱ' ବିଧି କାହାକୁ କୁହାଯାଏ ?**

ଉ: 'ସ' ସ୍ଥାନରେ 'ଷ' ହେବାର ବିଧିକୁ 'ଷତ୍ୱବିଧି' କୁହାଯାଏ ।

**୨। ଅଶୁଦ୍ଧି ସଂଶୋଧନ କର ।**

**ପୁରଷ୍କାର, ପୂର୍ବାହ୍ନ, ଶୁଶ୍ରୁସା, ଧୂଳିଷାତ୍, ପାସାଣ, ଗୋସ୍ପଦ, ଭାଷ୍କର**

| ପ୍ରଦତ୍ତ ଶବ୍ଦ | ଉ: ସଂଶୋଧନ | ପ୍ରଦତ୍ତ ଶବ୍ଦ | ଉ: ସଂଶୋଧନ |
|---|---|---|---|
| ପୁରଷ୍କାର | ପୁରସ୍କାର | ପାସାଣ | ପାଷାଣ |
| ପୂର୍ବାହ୍ନ | ପୂର୍ବାହ୍ଣ | ଗୋସ୍ପଦ | ଗୋଷ୍ପଦ |
| ଶୁଶ୍ରୁସା | ଶୁଶ୍ରୂଷା | ଭାଷ୍କର | ଭାସ୍କର |
| ଧୂଳିଷାତ୍ | ଧୂଳିସାତ୍ | | |

**୩। ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ଷ' କାହିଁକି ଅଛି ଦର୍ଶାଅ ।**

**ନିଷାଦ, ବିଭୀଷଣ, କୃଷକ, ଗବେଷଣା, ଔଷଧ**

| ପ୍ରଦତ୍ତ ଶବ୍ଦ | ଉତ୍ତର |
|---|---|
| ନିଷାଦ | (ନ୍ ଇ ଷ ଆ ଦ ଅ) ସ୍ୱରବର୍ଣ୍ଣ 'ଇ' ପରେ 'ଷ' ଥିବାରୁ |
| ବିଭୀଷଣ | (ବ୍ ଇ ଭ୍ ଈ ଷ ଅ ଣ୍ ଅ) ସ୍ୱରବର୍ଣ୍ଣ 'ଈ' ପରେ 'ଷ' ଥିବାରୁ |
| କୃଷକ | (କ୍ ର ଷ ଅ କ୍ ଅ) ସ୍ୱାଭାବିକ ଭାବରେ 'ଷ' ଅଛି । |
| ଗବେଷଣା | (ଗ୍ ଅ ବ୍ ଏ ଷ ଅ ନ୍ ଆ) ସ୍ୱରବର୍ଣ୍ଣ 'ଏ' ପରେ 'ଷ' ଥିବାରୁ |
| ଔଷଧ | (ଔ ଷ ଅ ଧ୍ ଅ) ସ୍ୱରବର୍ଣ୍ଣ 'ଔ' ପରେ 'ଷ' ଥିବାରୁ |

**୪। ନିମ୍ନଲିଖିତ ଶବ୍ଦଗୁଡ଼ିକରେ 'ଷ' ପରିବର୍ତ୍ତେ 'ସ' କାହିଁକି ହୋଇଛି ?**

**ପୁରସ୍କାର, ସଂସ୍କାର, ଧୂଳିସାତ୍, ଆତ୍ମସାତ୍**

| ଉ: ପ୍ରଦତ୍ତ ଶବ୍ଦ | ଉତ୍ତର |
|---|---|
| ପୁରସ୍କାର | 'ଷତ୍ୱ ବିଧି' ନିୟମ ଅନୁସାରେ ବିସର୍ଗ ପୂର୍ବରୁ 'ଅ' ଥିବାରୁ 'ସ' ହୋଇଛି । |
| ସଂସ୍କାର | 'ଷତ୍ୱ ବିଧି' ନିୟମ ଅନୁସାରେ 'ସ' ପୂର୍ବରୁ ଅ ଥିବାରୁ 'ସ' ହୋଇଛି । |
| ଧୂଳିସାତ୍ | 'ସାତ୍' ପ୍ରତ୍ୟୟ ଯୁକ୍ତ ହୋଇଥିବାରୁ |
| ଆତ୍ମସାତ୍ | 'ସାତ୍' ପ୍ରତ୍ୟୟ ଯୁକ୍ତ ହୋଇଥିବାରୁ |

**୫। ନିମ୍ନଲିଖିତ ବାକ୍ୟରେ ଥିବା ଭୁଲ୍ ଶବ୍ଦଗୁଡ଼ିକୁ ବାଛି ଠିକ୍ କରି ଲେଖ ।**

**(କ) ସୀତାଙ୍କୁ ରାବଣ ଚୋରାଇ ନେବାପରେ ରାମଚନ୍ଦ୍ର ବିସନ୍ନ ହୋଇ ଇତସ୍ତତଃ ଅନ୍ୱେଷଣ କଲେ ।**

ଉ: ସୀତାଙ୍କୁ ରାବଣ ଚୋରାଇ ନେବାପରେ ରାମଚନ୍ଦ୍ର ବିଷଣ୍ଣ ହୋଇ ଇତସ୍ତତଃ ଅନ୍ୱେଷଣ କଲେ ।

**(ଖ) ପତ୍ନୀ ବିରହ ଯୋଗୁଁ ସେ ଅବଷାଦରେ କାନ୍ଦିବାକୁ ଲାଗିଲେ ।**

ଉ: ପତ୍ନୀ ବିରହ ଯୋଗୁଁ ସେ ଅବସାଦରେ କାନ୍ଦିବାକୁ ଲାଗିଲେ ।

**(ଗ) କଲମ୍ବସ୍ ଆମେରିକା ଆବିସ୍କାର କରିଥିଲେ ।**

ଉ: କଲମ୍ବସ୍ ଆମେରିକା ଆବିଷ୍କାର କରିଥିଲେ ।

**(ଘ) ଭଲକାମ କଲେ ପୁରଷ୍କାର ମିଳିଥାଏ ।**

ଉ: ଭଲକାମ କଲେ ପୁରସ୍କାର ମିଳିଥାଏ ।

## ସାଧାରଣ ଅଶୁଦ୍ଧି

# ପ୍ରଶ୍ନାବଳୀ-୩

୧। ନିମ୍ନଲିଖିତ ଅଶୁଦ୍ଧ ଶବ୍ଦଗୁଡ଼ିକୁ ସଂଶୋଧନ କରି ଲେଖ ।

ଅନୁସୂୟା, ପୂଜାଷଦ, ଆଶୀଷ, ମାର୍ଗଶୀର, କୃର, ପ୍ରତିଯୋଗୀତା, ଭଣା, ଯାତାୟତ, ଦୂରାବସ୍ଥା, ଶିକ୍ଷୟତ୍ରୀ ।

ଉ:

| ପ୍ରଦତ୍ତ ଶବ୍ଦ | ସଂଶୋଧନ | ପ୍ରଦତ୍ତ ଶବ୍ଦ | ସଂଶୋଧନ |
|---|---|---|---|
| ଅନୁସୂୟା | ଅନସୂୟା | ପ୍ରତିଯୋଗିତା | ପ୍ରତିଯୋଗିତା |
| ପୂଜାଷଦ | ପୂଜାସଦ | ଭଣା | ଭଣା |
| ଆଶୀଷ | ଆଶିଷ | ଯାତାୟତ | ଯାତାୟାତ |
| ମାର୍ଗଶୀର | ମାର୍ଗଶିର | ଦୂରାବସ୍ଥା | ଦୁରବସ୍ଥା |
| କୃର | କ୍ରୁର | ଶିକ୍ଷୟତ୍ରୀ | ଶିକ୍ଷୟିତ୍ରୀ |

୨। ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା ଅଶୁଦ୍ଧ ଶବ୍ଦଗୁଡ଼ିକୁ ସଂଶୋଧନ କର ।

(କ) ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ବହୁତ ଲୋକମାନେ ଆସିଥିଲେ ।

ଉ: ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ବହୁତ ଲୋକ ଆସିଥିଲେ ।

(ଖ) ମନ୍ତ୍ରୀଙ୍କ ସଭାରେ ଆବାଳବୃଦ୍ଧ ବନିତାଗଣ ଯୋଗ ଦେଇଥିଲେ ।

ଉ: ମନ୍ତ୍ରୀଙ୍କ ସଭାରେ ଆବାଳବୃଦ୍ଧ ବନିତା ଯୋଗ ଦେଇଥିଲେ ।

(ଗ) ମୁଁ ତୁମର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଉ: ମୁଁ ତୁମର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ଘ) ସବୁ କବିମାନେ ପ୍ରାକୃତିକ ବର୍ଣ୍ଣନାରେ ସିଦ୍ଧହସ୍ତ ।

ଉ: ସବୁକବି ପ୍ରକୃତି ବର୍ଣ୍ଣନାରେ ସିଦ୍ଧହସ୍ତ ।

(ଙ) ଶିକ୍ଷୟତ୍ରୀ ପ୍ରତ୍ୟେକ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିଲେ ।

ଉ: ଶିକ୍ଷୟିତ୍ରୀ ପ୍ରତ୍ୟେକ ଛାତ୍ରଙ୍କୁ ପ୍ରଶ୍ନ ପଚାରିଲେ ।

(ଚ) କୋଲକାତା ଭାରତର ବୃହତମ ନଗରୀ ।

ଉ: କୋଲକାତା ଭାରତର ବୃହତ୍ତମ ନଗରୀ ।

(ଛ) ପିଲାଟି ସଂକ୍ଷିପ୍ତରେ ଉତ୍ତର ଦେଲା ।

ଉ: ପିଲାଟି ସଂକ୍ଷେପରେ ଉତ୍ତର ଦେଲା ।

(ଜ) ଅନନ୍ୟା ସାଣ୍ମାଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହେଲା ।

ଉ: ଅନନ୍ୟା ଷାଣ୍ମାସିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହେଲା ।

(ଝ) ସର୍କସର ବାଘଗୁଡ଼ିକ ହୃଷ୍ଟପୃଷ୍ଟ ନୁହନ୍ତି ।

ଉ: ସର୍କସର ବାଘଗୁଡ଼ିକ ହୃଷ୍ଟପୁଷ୍ଟ ନୁହନ୍ତି ।

(ଞ) ସେ ସପରିବାର ସହିତ ଭୋଜି ଖାଇ ଯାଇଥିଲେ ।

ଉ: ସେ ସପରିବାର ଭୋଜିଖାଇ ଯାଇଥିଲେ ।

(ଟ) ମୂଷା ଗଣେଷଙ୍କ ବାହାନ ଅଟେ ।

ଉ: ମୂଷା ଗଣେଶଙ୍କ ବାହନ ଅଟେ ।

(ଠ) ମାନଚିତ୍ର ପଠନ ଦ୍ୱାରା ଭୌଗଳିକ ଜ୍ଞାନ ବୃଦ୍ଧିହୁଏ ।

ଉ: ମାନଚିତ୍ର ପଠନ ଦ୍ୱାରା ଭୌଗୋଳିକ ଜ୍ଞାନ ବୃଦ୍ଧି ହୁଏ ।

(ଡ) ଗିରିଶ ବାବୁ ଭୁବନେଶ୍ୱରରୁ ଦ୍ରୁତଗାମୀ ବସ୍‌ରେ କୋରାପୁଟ ଗଲେ ।

ଉ: ଗିରୀଶ ବାବୁ ଭୁବନେଶ୍ୱରରୁ ଦ୍ରୁତଗାମୀ ବସ୍‌ରେ କୋରାପୁଟ ଗଲେ ।

(ଢ) ରବିନ୍ଦ୍ର ଦୌଡ଼ ପ୍ରତିଯୋଗୀତାରେ ପ୍ରଥମ ହେଲା ।

ଉ: ରବୀନ୍ଦ୍ର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହେଲା ।